### ଗାଁକୁ ମଦ ମୁକ୍ତ କରିବା ପାଇଁ ଅଣ୍ଟା ଭିଡିଲେ ଗ୍ରାମବାସୀ

ପାଟଣାଗଡ଼,(ସଚ୍ଚିଦାନନ୍ଦ ମହାକୁର): ବଲାଙ୍ଗୀର ଜିଲା ଲରମ୍ବା ଥାନା ଅଧୀନ ରେଙ୍ଗାଲି ଗ୍ରାମକୁ ମଦ ମୁକ୍ତ କରିବା ପାଇଁ ଅଣ୍ଟା ଭିଡିଛନ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ଓ ଗାଁର ପୁରୁଷ । ଶନିବାର ମହିଳା ପୁରୁଷ ଏକତ୍ରିତ ହୋଇ ପ୍ରଥମେ ଲରମ୍ବା ଥାନାକୁ ଯାଇ ଥାନା ଅଧିକାରୀ ଭାନୁ ପ୍ରସାଦ ଯାଦବଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ପରେ ସେମାନେ ପାଟଣାଗଡ଼ ଅବକାରୀ ଥାନାର ଦ୍ୱାରସ୍ଥ ହୋଇ ଅବକାରୀ ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରି ତାଙ୍କର ଦାବି ଜଣାଇଥିଲେ । ପ୍ରକାଶ ଯେ, ଉକ୍ତ ଗ୍ରାମରେ ଦେଶୀ ରନ୍ଧା କାରବାର ବଢି ଚାଲିଛି । ଫଳରେ ଗ୍ରାମର ଯୁବକମାନେ ବିପଥଗାମୀ ହେବା ସହ ପରିବାରରେ ଅଶାନ୍ତି ଲାଗି ରହୁଛି ।

# ଝାଟିମାଟି ଘରେ ଚଏନୁଙ୍କ ପରିବାର ଅସୁରକ୍ଷିତ

**ଦେଓଗାଁ,୬।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସିଂହାମୁଣ୍ଡା ଗ୍ରାମ ପଞ୍ଚାୟତରେ ଅନ୍ନପୂର୍ଣ୍ଣା ଗୃହ ଯୋଜନା ବାଟବଣା ହୋଇଥିବା ଅଭିଯୋଗ ହୋଇଛି । ଗ୍ରାମାଞ୍ଚଳରେ ଅତି ଦୟନୀୟ ସ୍ଥିତିରେ ରହୁଥିବା ତଥା ଦିବ୍ୟାଙ୍ଗ ବର୍ଗର ପରିବାରକୁ ଅନ୍ନପୂର୍ଣ୍ଣା ଗୃହ ଯୋଜନାରେ ପ୍ରାଥମିକତା ଦେଇ ପକ୍କାଘର ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ନିୟମ ରହିଛି । ତେବେ ଏହି ପଞ୍ଚାୟତରେ ଉକ୍ତ ଯୋଜନାର ନିୟମକୁ ଉଲ୍ଲଙ୍ଘନ କରାଯାଇ ଯୋଗ୍ୟ ହିତାଧିକାରୀ ଥାଇ ଅନ୍ୟ ହିତାଧିକାରୀଙ୍କୁ ଘର ଦେବା ପାଇଁ ଚୟନ ହୋଇଥିବା ଅଭିଯୋଗ କରିଛନ୍ତି ପଞ୍ଚାୟତର କେତେଜଣ ସଚେତନ ନାଗରିକ । ଅଭିଯୋଗ ପାଇବା ପରେ ସଂପୃକ୍ତ ପଞ୍ଚାୟତର ଲଖନପୁର ଗାଁର ଚଏନୁ ମିର୍ଦ୍ଧାଙ୍କ ଘରକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ପରେ ପ୍ରକୃତ ସତ୍ୟ ପଦାରେ ପଡିଛି । ଗାଁ ମଝି ମଣ୍ଡପ ନିକଟରେ ନିଜ ରୟତି ଜମିରେ ରହୁଥିବା ଚଏନୁ ଏବେ ରୋଗଗ୍ରସ୍ତ ହୋଇ ଶଯ୍ୟାଶାୟୀ । ତାଙ୍କ



ଲଖନପୁର ଗାଁରେ ଦୟନୀୟ ଅବସ୍ଥାରେ ରହୁଥିବା ଚଏନୁ ମିର୍ଦ୍ଧାଙ୍କ ପରିବାର ।

ସ୍ତ୍ରୀ କିଆ ମିର୍ଦ୍ଧା ପର ଘରେ ମୂଲ ଲାଗି ପେଟ ପୋଷୁଥିବା ନଜରକୁ ଆସିଥିଲା। ଅନେକ ବର୍ଷ ପୂର୍ବରୁ ୧୮ହଜାର ଟଙ୍କା ସହାୟତାରେ ନିର୍ମାଣ କରିଥିବା ଘର ଏବେ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଅସୁରକ୍ଷିତ ଅବସ୍ଥାରେ । ଏକ ଝାଟିମାଟି ଘରେ ସ୍ୱାମୀ ସ୍ତ୍ରୀ ଶୀତ କାକରରେ ବହୁ କଷ୍ଟରେ ଦିନ କାଟୁଛନ୍ତି । କିଆଙ୍କ କହିବାନୁସାରେ ବାରମ୍ବାର ଆବେଦନ ପରେ ମଧ୍ୟ ତାଙ୍କୁ ଘର ଦିଆଯାଉ ନାହିଁ । ଏହାଛଡା ଆଜକୁ ୪ ମାସ ହେଲା ଭତ୍ତା ପାଇ ନ ଥିବାରୁ ପରିବାର ଚଳିବା କଷ୍ଟକର ହୋଇପଡିଛି। ଏକମାତ୍ର ପୁଅ ରାଜେଶ ବଲାଙ୍ଗୀର ସହରର ଏକ କପଡା ଦୋକାନରେ କାମ କରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇ ଆଜକୁ ମାସାଧିକ ହେଲା ଚିକିତ୍ସିତ ହେଉଛନ୍ତି। ତାଙ୍କୁ ମଧ୍ୟ ଦେଖିଯିବା କଷ୍ଟକର ହୋଇ ପଡିଥିବା କୋହଭରା କଣ୍ଠରେ ପ୍ରକାଶ କରିଥିଲେ । ସେହିପରି ଉକ୍ତ ଗାଁର ବିଶାଖା ମିର୍ଦ୍ଧା ଯୋଗ୍ୟ ହିତାଧିକାରୀ

### ସିଂହାମୁଣ୍ଡା ପଞ୍ଚାୟତରେ ଅନ୍ନପୂର୍ଣ୍ଣା ଗୃହ ଯୋଜନା ବାଟବଣା

ରହିଥିବା ବେଳେ ସିଂହାମୁଣ୍ଡା କନ୍ଧପାଲି ପଡାର ମକାରୁ ଚନ୍ଦନ ଓ ଜନକ କୁଅଁରଙ୍କ ପରିବାର ଅତି ଦୟନୀୟ ଅବସ୍ଥାରେ ରହୁଥିବା ନଜରକୁ ଆସିଛି । ଜନକ ଘର ପାଇଁ କାର୍ଯ୍ୟାଦେଶ ପାଇଥିବା ବେଳେ ଟଙ୍କା ନ ପଡିବାରୁ ଘର ତିଆରି କରିପାରୁ ନ ଥିବା ଅଭିଯୋଗ କରିଛନ୍ତି । ସେହିପରି ଉକ୍ତ ଗାଁର ବୈଦେହୀ ପଧାନ ଓ ସୁଭଦ୍ରା ଖମାରୀ ପର ଘରେ ଆଶ୍ରୟ ନେଇ ରହୁଥିବା ଅଭିଯୋଗ କରିଛନ୍ତି । ଏଣୁ ସିଂହାମୁଣ୍ଡା ପଞ୍ଚାୟତରେ ପୁନଃ ତଦନ୍ତ କରି ପ୍ରକୃତ ହିତାଧିକାରୀଙ୍କୁ ଅଗ୍ରାଧିକାର ଭିତ୍ତିରେ ଘର ଯୋଗାଇ ଦେବାକୁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହୋଇଛି । ଏ ନେଇ ଏବିଡିଓ ପୁଷ୍ପାଞ୍ଜଳୀ ନାଏକଙ୍କୁ ପଚାରିବାରେ ଅଭିଯୋଗ ପାଇଛି , ଯେଉଁମାନେ ପ୍ରକୃତ ଯୋଗ୍ୟ ହିତାଧିକାରୀ ରହିଛନ୍ତି ସେମାନଙ୍କୁ ଘର ଦେବାରେ ପ୍ରାଥମିକତା ଦିଆଯିବ ବୋଲି ସେ କହିଥିଲେ ।

## ମହଲାଇ ପାକ୍ସ ସଭାପତିଙ୍କ ପରଲୋକ

**ଦେଓଗାଁ,୬।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ଦେଓଗାଁ ବ୍ଲକ ମହଲାଇ କୃଷି ସେବା ସମବାୟ ସମିତିର ପରିଚଳନା କମିଟି ସଭାପତି ଦେବରାଜ ସାହୁ (୬୭)ଙ୍କ ପରଲୋକ ହୋଇଯାଇଛି । ମହଲାଇ ପଞ୍ଚାୟତ ଅନ୍ତର୍ଗତ ବଗଡା ଗାଁର



ଦେବରାଜ ଜଣେ ପରୋପକାରୀ ତଥା ଧର୍ମପରାୟଣ ବ୍ୟକ୍ତି ଭାବେ ଜଣାଶୁଣା ଥିଲେ । କିଛି ଦିନ ହେଲା ସେ ଅସୁସ୍ଥ ହୋଇ ଘରେ ଚିକତ୍ସିତ ହେଉଥିବା ବେଳେ ଶୁକ୍ରବାର ଅପରାହ୍ନରେ ତାଙ୍କ ବାସଭବନରେ ପରଲୋକ ଘଟିଛି । ମୃତ୍ୟୁ ଶଯ୍ୟା ନିକଟରେ ଦୁଇପୁଅ ଗିରିଶଚନ୍ଦ୍ର , ଟିକେଚନ୍ଦ୍ର ତଥା ପରିବାରବର୍ଗ ଉପସ୍ଥିତ ଥିଲେ । ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡପୁଅ ଗିରିଶଚନ୍ଦ୍ର ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ବିଭାଗୀୟ ଅଧିକାରୀ ତଥା ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି ।

## ଆମ୍ବେଡ଼କରଙ୍କ ମହାପରିନିର୍ବାଣ ଦିବସ ପାଳନ



ଲାଠୋର ହାଟପଦାପଡ଼ା ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମ ।

**ଲାଠୋର,୬।୧୨(ଭୁବନେଶ୍ୱର ବାରିକ)**

ଖପ୍ରାଖୋଲ ବ୍ଲକ ଲାଠୋର ହାଟପଦାପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶନିବାର ସମ୍ବିଧାନ ପ୍ରଣେତା ଅମ୍ବେଡକରଙ୍କ ୬୯ ତମ ମହାପରିନିର୍ବାଣ ଦିବସ ପାଳିତ ହୋଇଯାଇଛି। ସାବାସ ସଂଗଠନ ସଭାପତି ଲାଏବାନ ସୁନାଙ୍କ ନେତୃତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ସଂଗଠନର ବରିଷ୍ଠ ସଦସ୍ୟ ଭୁବନେଶ୍ୱର ବାରିକ, ବିଦ୍ୟାଧର ଗୁର୍ଲା, ଶିକ୍ଷୟିତ୍ରୀ ତପସ୍ୱିନୀ ମହାକୁଡ଼, ଶିକ୍ଷକ ମୟୁରଧ୍ୱଜ ବାଗ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବାବା ସାହେବଙ୍କ ଅବଦାନ ଓ ସମ୍ବିଧାନରେ ସାଧାରଣ ଲୋକଙ୍କୁ ଦେଇଥିବା ମୌଳିକ ଅଧିକାର ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା ସଂଗଠନର ବରିଷ୍ଠ ସଦସ୍ୟ କପିଳ ସୁନା କରିଥିଲେ।

## ଆମ୍ବେଡକରଙ୍କ ମହାପରିନିର୍ବାଣ ଦିବସ ପାଳିତ

**ବଲାଙ୍ଗୀର,୬।୧୨(ବୀରେନ୍ଦ୍ର କୁମାର ଝାଙ୍କର)**

ସମ୍ବିଧାନ ପ୍ରଣେତା ଡ. ବିଆର ଆମ୍ବେଡକରଙ୍କ ମହାପରିନିର୍ବାଣ ଦିବସ ଶନିବାର ସ୍ଥାନୀୟ ଗେଟସରୋବରପଡା ଲକ୍ଷେ ଘର ଗଣ୍ଡା ସମାଜ ଆନୁକୂଲ୍ୟରେ ଆମ୍ବେଡକର ପାଠାଗାର ପ୍ରାଙ୍ଗଣରେ ପାଳିତ ହୋଇଥିଲା। ଯୁବନେତା ସୀତାରାମ କୁମ୍ଭାର ସଭା ପରିଚାଳନା କରିଥିଲେ। ସମ୍ପାଦକ ଅଶୋକ କୁମାର ହରପାଲ ସ୍ୱାଗତ ଭାଷଣ ଦେଇଥିଲେ। ସଭାରେ ମୁଖ୍ୟଅତିଥି ଭାବେ ପଶ୍ଚିମ ଓଡିଶା ଗଣ୍ଡା ସମାଜ ସଭାପତି ତଥା କଂଗ୍ରେସ ନେତା ଓମ୍ ପ୍ରକାଶ କୁମ୍ଭାର, ସମ୍ମାନିତ ଅତିଥି ଭାବେ ତରଣୀସେନ ଦୀପ ଓ ମୁଖ୍ୟବକ୍ତା ଭାବେ ବିଜୟ ଚନ୍ଦ୍ର ବାରିକ ଯୋଗଦେଇ ଆମ୍ବେଡକରଙ୍କ ବିଚାରଧାରା ଓ ସଂଘର୍ଷ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ବକ୍ତା ଭାବେ ଜ୍ୟୋତିଷ ମୁଗ୍ରୀ ଓ ରଘୁନାଥ ମୁଗ୍ରୀ ଯୋଗଦାନ କରିଥିଲେ। ସଭାରେ ସରୋଜ କୁମାର ମେଶ୍ରା, ବିଜୟ ହରିପାଲ, ପ୍ରକାଶ ରାଏ, ଲଳିତ ନାଏକ, ରଞ୍ଜନ ଭୋଇ, ଶିବା ଭରାସାଗର, ମୁନା ହରପାଲ, ସୁରେଶ ହରପାଲ, ମୁନା କୁମ୍ଭାର, ଫଣୀନ୍ଦ୍ର କୁମ୍ଭାର, ଦୀପକ ନାଗ ପ୍ରମୁଖ ଉପସ୍ଥିତ ଥିଲେ। ଶିଶର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ‘ନବଗୁଞ୍ଜର’ ପ୍ରକୃତି-ମଣିଷର ସମନ୍ୱୟ

### ବଲାଙ୍ଗୀରରେ କବିତା ପାଠ, ଆଲୋଚନା

**ବଲାଙ୍ଗୀର,୬।୧୨(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର କବିତା ପାଠ ଓ ଆଲୋଚନା ହୋଇଥିଲା। ସ୍ମୃତିବିନ୍ଦୁ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିମନ୍ତ୍ରିତ କବି ଓ ଆଲୋଚକ ଚିତ୍ତରଞ୍ଜନ ମିଶ୍ର, ରଚନା ସଭାପତି ସନାତନ ଠାକୁର, କବି ଭାଗିରଥି ମିଶ୍ର, ଡ. ପ୍ରହଲ୍ଲାଦ ଶତପଥୀ, ଆନନ୍ଦ ଚନ୍ଦ୍ର ସାହୁ, ସନ୍ଦୀପ କୁମାର କୁଅଁର, ମୃଗେଶ ବୈଷ୍ଣବ ପାଣିଗ୍ରାହୀ ଓ ବୀରେନ୍ଦ୍ର କୁମାର ଝାଙ୍କର ଯୋଗଦାନ କରି ସ୍ୱରଚିତ ଓ ଅନୁବାଦ କବିତା ପାଠ କରିଥିଲେ। କବି ଚିତ୍ତରଞ୍ଜନ ସ୍ୱରଚିତ କବିତା ପାଠ କରିବା ସହ ପ୍ରକୃତି ଓ ମଣିଷର ସମ୍ପର୍କ ଏବଂ ଏହାର ବିଶେଷତ୍ୱ ଉପରେ କହିଥିଲେ। ସାରଳା ଦାସଙ୍କ ‘ନବଗୁଞ୍ଜର’ ଚରିତ୍ର ଓ ଚିତ୍ର ସମ୍ବନ୍ଧରେ ଆଲୋଚନା କରି ଏହି ଚିତ୍ରରେ କବି ପ୍ରକୃତିର ସମସ୍ତ ପ୍ରାଣୀ ଏବଂ ମଣିଷର ସମ୍ପର୍କ ତଥା ସମନ୍ୱୟକୁ କିଭଳି ନିଖୁଣ ଭାବେ ଚିତ୍ରଣ କରିଛନ୍ତି କହିଥିଲେ। ମଣିଷ କେନ୍ଦ୍ରିକ କଥା କହି ଆମେ କିଭଳି ପ୍ରକୃତି ଠାରୁ ଦୂରେଇ ଯାଉଛୁ ଏବଂ ଅନ୍ୟ ଜୀବକୁ ହେୟ ଜ୍ଞାନ କରି ସମଗ୍ର ପୃଥିବୀକୁ ବିପଦ ମୁହଁକୁ ନେଇ ଯାଉଛୁ କହିଥିଲେ। ପ୍ରକୃତି କେନ୍ଦ୍ରିକ ଜୀବନ ଓ ସମସ୍ତ ପ୍ରାଣୀଙ୍କ ମଧ୍ୟରେ ସମନ୍ୱୟ ଉପରେ ସେ ଗଭୀର ଆଲୋଳଚନା କରିଥିଲେ। ଅନ୍ୟ କବିମାନେ ମଧ୍ୟ ଏହା ଉପରେ ସୁଚିନ୍ତିତ ମତ ଦେଇ ପ୍ରକୃତିର ସୁରକ୍ଷା ଓ ସମନ୍ୱୟ ଉପରେ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ବୀରେନ୍ଦ୍ର ଝାଙ୍କର ପରିଚାଳନା କରିଥିଲେ।

## ଫଳ ଦୋକାନ ଉପରକୁ ମାଡ଼ିଗଲା ସେପଟିକ୍ ଟାଙ୍କି ସଫେଇ ଗାଡି

**ବଲାଙ୍ଗୀର,୬।୧୨(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହରର ନୂଆ ବସ୍ ଟର୍ମିନାଲ ସମ୍ମୁଖ ରାସ୍ତା କଡ଼ରେ ଥିବା ଫଳ ଦୋକାନ ଉପରକୁ ଶନିବାର ସକାଳେ ମ୍ୟୁନିସିପାଲଟି ପଞ୍ଜୀକୃତ ଏକ ସେପଟିକ୍ ଟାଙ୍କି ସଫେଇ ଗାଡି ମାଡ଼ି ଯାଇଥିଲା। ଡ୍ରାଇଭର ଜଣକ ମୋବାଇଲ ଫୋନରେ କଥା ହୋଇ ବେପରୁଆ ଭାବେ ଗାଡି ଚଳାଉ ଥିବାରୁ ଏଭଳି ଅଘଟଣ ଘଟିଥିବା କୁହାଯାଇଥିଲା। ଏହି ଦୁର୍ଘଟଣାରୁ ଫଳ ଦୋକାନୀ, ସେଠାରେ ଉପସ୍ଥିତ ଥିବା କ୍ରେତା ଏବଂ ଦୁଇ ଜଣ ବାଇକ୍ ଆରୋହୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଦୁର୍ଘଟଣାରେ ଫଳ ଦୋକାନୀଙ୍କ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ଫଳ, ଦୁଇଟି ବାଇକ୍, ସାଇକେଲ ଏବଂ ଅନ୍ୟ କିଛି ସାମଗ୍ରୀ ନଷ୍ଟ ହୋଇଥିବା ଦର୍ଶାଯାଇଛି। ଏହି ଦୁର୍ଘଟଣାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ସମ୍ପୃକ୍ତ ଡ୍ରାଇଭରଙ୍କୁ କାବୁ କରି ନେଇଥିଲେ। ଡ୍ରାଇଭର ଜଣକ ମୋବାଇଲ ଫୋନ୍‌ରେ କଥା ହେଉଥିବାରୁ ଦୁର୍ଘଟଣା ଘଟିଲା ବୋଲି ଲୋକେ ଅଭିଯୋଗ କରିଥିଲେ। ଟାଉନ ଥାନା ପୋଲିସ ପହଞ୍ଚି ଗାଡି ଚାଳକଙ୍କୁ ନେଇ ଯାଇଥିଲେ।

## କଣ୍ଟାବାଞ୍ଜି ଓ ବଙ୍ଗୋମୁଣ୍ଡା ବନାଞ୍ଚଳରେ ହାତୀ ଉପଦ୍ରବ

**କଣ୍ଟାବାଞ୍ଜି,୬।୧୨(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଓ ବଙ୍ଗୋମୁଣ୍ଡା ବନାଞ୍ଚଳରେ ହାତୀ ଉପଦ୍ରବ ଯୋଗୁ ଲୋକେ ଭୟଭୀତ ଅବସ୍ଥାରେ ଦିନ କାଟୁଛନ୍ତି। ନିକଟରେ ୩୦ଟିକିଆ ହାତୀ ପଲ ଗାଁରେ ପଶି ଲୋକଙ୍କ ଘର ଦ୍ୱାର ଭାଙ୍ଗି ଦେବା ସହ ବ୍ୟାପକ କ୍ଷୟକ୍ଷତି କରିଛି । ଗତ ବୁଧବାର ବଙ୍ଗୋମୁଣ୍ଡା ବନାଞ୍ଚଳର ମହଖଣ୍ଡ, ବଡବାଙ୍କି, ସାନବାଙ୍କି, ଅର୍ଜୁନି ତଥା ଆଖପାଖ ଗ୍ରାମକୁ ରାତିରେ ହାତୀପଲ ଆସି ଧାନ ଫସଲ ଖାଇ ଯାଇଥିବା ବେଳେ ଘରଦ୍ୱାର ଭାଙ୍ଗି ଦେଇଥିଲେ। ଗୁରବାର ରାତିରେ ସାଲେମୁଣ୍ଡୁଗା,ଟିକ୍ରାପଡା ଅଞ୍ଚଳରେ ଘରଦ୍ୱାର ଭାଙ୍ଗିବା ସହ ଏକର ଏକର ଜମିର ଧାନ ଫସଲ ଖାଇ ଯାଇଥିବା ଦେଖିବାକୁ ମିଳିଛି। ନିକଟରେ ତୁରେକେଲା ଥାନା ବଡବାଙ୍କି ପଞ୍ଚାୟତ ସାନବାଙ୍କି, ଅର୍ଜୁନି ଗାଁର କାର୍ତ୍ତିକ ମାଝି, ଭୁଲେଶ୍ୱର ମାଝି, ମୁଲା ମାଝି,ସଙ୍କୀର୍ତ୍ତନ ସୁନା, ନୀଳାମ୍ବର ସଗରିଆ, ହେମନ୍ତ ସଗରିଆଙ୍କ ଧାନ ଫସଲ ଖାଇ ନଷ୍ଟ କରି ଦେଇଛି। କେତେକ ବ୍ୟକ୍ତିଙ୍କ ଘର ଭାଙ୍ଗି ଦେଇଛି।



### ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ବୌଦ୍ଧ,(ଅଜିତ କୁମାର ବାରିକ): ବୌଦ୍ଧ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟ ଅତିଥି, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ, ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ବିଶ୍ୱାଳ, ମୁଖ୍ୟ ଅଧାପକ ଛତ୍ରପତି ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧକ୍ଷ ସନକ ମେହେର ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କ୍ରୀଡ଼ାରେ କୃତୀ ଖେଳାଳିଙ୍କୁ ଟ୍ରଫି ଓ ପ୍ରଶଂସାପତ୍ର ଦେଇ ସମ୍ମାନିତ କରାଯାଇଥିଲା।

# କାର୍ ଧକ୍କାରେ ସାଇକେଲ ଆରୋହୀ ମୃତ

**ବାଉଁଶୁଣୀ,୬।୧୧(ଦେବାଶିଷ ନେପାକ)**



ଲୋକେ ନିଆଁ ଜାଳି ରାସ୍ତା ଅବରୋଧ କରିଛନ୍ତି।

ମନମୁଣ୍ଡା ଥାନା ଚୌରୀଆପଦର ନିକଟ ଜାତୀୟ ରାଜପଥ ନଂ. ୫୭ରେ ଶନିବାର ଅପରାହ୍ନ ୪ଟାରେ ଏକ କାର୍ ଧକାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଚୌରୀଆପଦର ଗ୍ରାମର ଲିଙ୍ଗରାଜ ମେହେର। ଏହି ଦୁର୍ଘଟଣାରେ କିରାସିରା ଗ୍ରାମର ନାରାୟଣ କୁମ୍ଭାର ଆହତ ହୋଇଛନ୍ତି। ତାଙ୍କୁ ମନମୁଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ସ୍ଥାନୀୟ ଲୋକେ ଦୁର୍ଘଟଣାସ୍ଥଳରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ପୋଲିସ ସେମାନଙ୍କୁ ବୁଝାଶୁଝା କରିଥିଲା। ଅତିରିକ୍ତ ତହସିଲଦାର ମହମ୍ମଦ ରୋଜା ରସୁଲ ପହଞ୍ଚି ସରକାରଙ୍କ ନିୟମ ଅନୁସାରେ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେବା ପରେ ସନ୍ଧ୍ୟା ୭ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ସୂଚନା ଅନୁଯାୟୀ, ଲିଙ୍ଗରାଜ ସାଇକେଲ ଯୋଗେ ଶନିବାର ସାପ୍ତାହିକ ବଜାରକୁ ପରିବା କିଣିବା ପାଇଁ ଯାଉଥିବାବେଳେ ଚୌରୀଆପଦର ଓ ଦହ୍ୟା ସୀମାବର୍ତ୍ତୀ ପୋଖରୀ ନିକଟରେ ସମାନ ଦିଗରୁ ଆସୁଥିବା ଏକ କାର୍ ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ସେହିପରି ଉକ୍ତ କାର୍ ରାସ୍ତାରେ ଯାଉଥିବା ଅନ୍ୟ ସାଇକେଲ ଆରୋହୀଙ୍କୁ ମଧ ଧକ୍କା ଦେଇଥିଲା। କାର୍ଟି ଫେରାର ହେବା ବେଳେ ବହିରା ନିକଟ ସଦେଇପୁର ଛକ ନିକଟରେ ଲୋକେ ଅଟକ ରଖିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି କାର୍‌କୁ ଜବତ କରିଥିବା ବେଳେ ଡ୍ରାଇଭର ଫେରାର ଅଛନ୍ତି।

**କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ**

## ପୋଷ୍ଟ କାର୍ଡରେ ସମସ୍ୟା ଲେଖି ଜଣାଇଲେ ଆଉଟସୋର୍ସିଂ କର୍ମଚାରୀ

**ବୌଦ୍ଧ,୫।୧୨(ଅଜିତ କୁମାର ବାରିକ)**

ରାଜ୍ୟ ଆଉଟସୋର୍ସିଂ କର୍ମଚାରୀ ମହାସଂଘର ଆହ୍ୱାନ କ୍ରମେ ବୌଦ୍ଧ ଜିଲା ସରକାରୀ ଆଉଟସୋର୍ସିଂ କର୍ମଚାରୀ ସଂଘ ପକ୍ଷରୁ ପୋଷ୍ଟକାର୍ଡ ମାଧ୍ୟରେ ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ସମସ୍ୟା ଜଣାଇବା ସହିତ ସମାଧାନ ପାଇଁ ନିବେଦନ କରିଛନ୍ତି। ୨୦୧୮ରୁ ଓଡିଶାର ସମସ୍ତ ଆଉଟସୋର୍ସିଂ କର୍ମଚାରୀ ସେମାନଙ୍କ ମୌଳିକ ସୁବିଧା ଯଥା ସମାନ କାମକୁ ସମାନ ଦରମା, ସମସ୍ତ ଡେଲି ୱେଜେସ କର୍ମଚାରୀଙ୍କୁ ମାସିକ ଦରମା ପାଉଥିବା ଆଉଟସୋର୍ସିଂ କର୍ମଚାରୀ ପରି ସମସ୍ତ ସୁବିଧା ଯୋଗାଇ ଦେବା, ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି, ଛଟେଇ ବ୍ୟବସ୍ଥା ସମ୍ପୂର୍ଣ୍ଣ ବନ୍ଦ କରିବା, ସମସ୍ତ ଆଉଟସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ କରିବା ଆଦି ଦାବିଗୁଡିକୁ ପୋଷ୍ଟକାର୍ଡରେ ଉଲ୍ଲେଖ କରି କର୍ମଚାରୀମାନେ ପଠାଇଛନ୍ତି। ଜିଲା ସଭାପତି ସଞ୍ଜିତ କୁମାର ଜେନାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବୀରମହାରାଜପୁର କଲେଜର ୨ଛାତ୍ରୀଙ୍କୁ ସ୍ୱର୍ଣ୍ଣ

**ବୀରମହାରାଜପୁର,୫।୧୩( ଯୁଗଳ କିଶୋର ମିଶ୍ର)**

ଓଡ଼ିଶା ଉଚ୍ଚ ମାଧମିକ ଶିକ୍ଷା ପରିଷଦ ତରଫରୁ ସୁନ୍ଦରଗଡ ଜିଲ୍ଲା ଯୋସଦା ବିଷ୍ଣୁ ଏନ. ଏମପି ଉଚ୍ଚ ମାଧମିକ ବିଦ୍ୟାଳୟ ଯୋଗିମାଲ ଗୁରୁବାର ଆନୁକୂଲ୍ୟରେ ଅନୁଷ୍ଠିତ ବାଳିକା ବିଭାଗ ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉଚ୍ଚ ମାଧମିକ ବିଦ୍ୟାଳୟ କୃତିତ୍ୱ ହାସଲ କରିଛି । ଏହି ଅନୁଷ୍ଠାନର ୨ ଛାତ୍ରୀ ପ୍ରତିମା ମହାନନ୍ଦ ଏବଂ ବିଷ୍ଣୁପ୍ରିୟା ସିଂ ସ୍ୱର୍ଣ୍ଣ ପଦକ ହାସଲ କରି ଜାତୀୟ ସ୍ତରକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହା ସହିତ ଏହି ଅନୁଷ୍ଠାନ ଉକ୍ତ ବିଭାଗ ରାଜ୍ୟସ୍ତରରେ ଚାମ୍ପିୟନ ହୋଇଛି । ଛାତ୍ରୀମାନଙ୍କ ଏହି କୃତିତ୍ୱ ପାଇଁ ଅଧକ୍ଷ ଡ଼. ହିମାଂଶୁ ଶେଖର ପାଢ଼ୀ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଉଭୟ ଛାତ୍ରୀଙ୍କ ତତ୍ତ୍ୱାବଧାରକ ନରେନ୍ଦ୍ର ଚାନ୍ଦ ଏବଂ ପ୍ରଶିକ୍ଷକ କୃତିବାସ ଶତପଥୀଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।



ସମ୍ବର୍ଦ୍ଧିତ ବକ୍ସିଂ ପ୍ରତିଯୋଗିତାରେ କୃତୀ ବୀରମହାରାଜପୁର କଲେଜର ୨ ଛାତ୍ରୀ।

# ଆପଣଙ୍କ ପୁଞ୍ଜି, ଆପଣଙ୍କର ଅଧିକାର କାର୍ଯ୍ୟକ୍ରମ

**ସୋନପୁର,୬।୧୨(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଟାଉନ ହଲରେ ଆପଣଙ୍କ ପୁଞ୍ଜି, ଆପଣଙ୍କର ଅଧିକାର ସଚେତନତା କାର୍ଯ୍ୟକ୍ରମ ଅଗ୍ରଣୀ ବ୍ୟାଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଆର୍ଥିକ କ୍ଷେତ୍ରରେ ଦାବି କରା ଯାଇନଥିବା ସମ୍ପତ୍ତିର ଦକ୍ଷ ଏବଂ ଶିଘ୍ର ବିନିଯୋଗକୁ ସହଜ କରିବା ପାଇଁ ଅଭିଯାନ ଆରମ୍ଭ ହୋଇଛି। ତେଣୁ ଗ୍ରାହକମାନଙ୍କୁ ତ୍ୱରିତ ସେବା ପ୍ରଦାନ ପାଇଁ ସେ ବ୍ୟାଙ୍କ୍ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏସଏଲବିସିର ଭାରପ୍ରାପ୍ତ ଅଧିକାରୀ ଲିଙ୍ଗରାଜ ନାୟକ, ବରଗଡ ସ୍ଥିତ ଷ୍ଟେଟବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ପ୍ରବନ୍ଧକ ମଧୁସୂଦନ ରଥ, ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱର ର ଏଲଡିଓ ରିତେଶ ପାତ୍ର, ଅଗ୍ରଣୀ ଜିଲା ବ୍ୟାଙ୍କ ପ୍ରବନ୍ଧକ କାର୍ତ୍ତିକେଶ୍ୱର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଗତ ୧୦ ବର୍ଷ ମଧ୍ୟରେ ଗ୍ରାହକମାନଙ୍କ ଯେଉଁ ଜମାଖାତା ନିଷ୍କ୍ରିୟ ହୋଇପଡିଛି ଏବଂ ତାହା ରିଜର୍ଭ ବ୍ୟାଙ୍କର ଜମାକାରୀ ଶିକ୍ଷା ଓ ସଚେତନତା ପାଣ୍ଠି(ଡିଇଏ ଫଣ୍ଡ) ଆକାଉଣ୍ଟକୁ ଚାଲିଯାଉଛି। ତାହା କିପରି ସେମାନେ ଫେରସ୍ତ ପାଇବେ ସେ ସମ୍ପର୍କରେ ସଚେତନ କରା ଯାଇଥିଲା।

## ଅମରପାଲି କ୍ରିକେଟ: ପୁରୁଣାଗଡ଼ ସେମିରେ

**ଅମରପାଲି,୬।୧୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲିସ୍ଥିତ ଭଗବାନ ସାହୁ ଗ୍ରାଉଣ୍ଡରେ ଫ୍ରେଣ୍ଡସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩୨ତମ ଅମରପାଲି କ୍ରିକେଟ କପର ଶନିବାର ଥିଲା ଚତୁର୍ଥ ଦିବସ। ପ୍ରଥମ ମ୍ୟାଚ ଗୁଦୁଗୁଦା ଓ ଅନ୍ଧାରୀ(ଯୁଯୁମୁରା) ମଧ୍ୟରେ ହୋଇଥିଲା। ଗୁଦୁଗୁଦା ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୯ ଉଇକେଟ ହରାଇ ୮୯ ରନ କରିଥିଲା। ଜବାବରେ ଅନ୍ଧାରୀ ଦଳ ୧୦ ଓଭରରେ ୮ ଉଇକେଟ ହରାଇ ୫୬ ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଅମରପାଲି ଓ ପୁରୁଣାଗଡ (ରେଢାଖୋଲ) ମଧ୍ୟରେ ହୋଇଥିଲା। ଅମରପାଲି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୫ ଉଇକେଟ ହରାଇ ୮୬ ରନ କରିଥିଲା। ଜବାବରେ ପୁରୁଣାଗଡ ଦଳ ଆବଶ୍ୟକ ୮୭ ରନକୁ ୯.୧ ଓଭରରେ ୭ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ ପ୍ରଥମ ମ୍ୟାଚ ବିଜେତା ଗୁଦୁଗୁଦା ଓ ଦ୍ୱିତୀୟ ମ୍ୟାଚ ବିଜେତା ପୁରୁଣାଗଡ ମଧ୍ୟରେ ହୋଇଥିଲା। ଗୁଦୁଗୁଦା ପ୍ରଥମେ ବ୍ୟାଟିଂ କରି ୯ ଓଭରରେ ୫ ଉଇକେଟ ହରାଇ ୮୭ ରନ କରିଥିଲା। ଜବାବରେ ପୁରୁଣାଗଡ ଦଳ ଆବଶ୍ୟକ ୮୮ ରନକୁ ୭.୪ ଓଭରରେ ୪ ଉଇକେଟ ହରାଇ ସଂଗ୍ରହ କରି ସେମିଫାଇନାଲରେ ପ୍ରବେଶ କରିଛି।

## ଇଚ୍ଛାପୁର ଆଶ୍ରମ ସ୍କୁଲର ବାର୍ଷିକ କ୍ରୀଡ଼ା

**ଡୁଙ୍ଗୁରିପାଲି,୬।୧୨(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସ୍ଥିତ ଇଚ୍ଛାପୁର ଆଶ୍ରମ ସ୍କୁଲରେ ବାର୍ଷିକ କ୍ରୀଡା ଶନିବାର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଅନୁସୂଚିତ ଜନଜାତି ଓ ଅନୁସୂଚିତଜାତି ବିଭାଗ ଆନୁକୂଲ୍ୟରେ ଏହି କ୍ରୀଡାକୁ ସ୍କୁଲ ପରିଚାଳନା କମିଟି ସଭାପତି ବୀରବର ବରିହା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ୧୯୦ଜଣ ଛାତ୍ରୀଛାତ୍ର ୧୦୦ମିଟର, ୨୦୦ ମିଟର, ଅଙ୍କଦୌଡ଼, ଅଖାଦୌଡ଼, ବାଟି ଚାମଚ ଦୌଡ଼, ଦଉଡି ଡିଆଁ, ଲମ୍ଫ ଡିଆଁ, ସଟ ପୁଟ, ଡିସକସ, ଜଲାପି ଖିଆ, ମ୍ୟୁଚିକ ଚେୟାର, ଆଦି ପ୍ରତିଯୋଗିତା ହୋଇଥିଲା। ମଧ୍ୟାହ୍ନ ଭୋଜନ ବିରତି ପରେ ସ୍କୁଲ ପ୍ରଧାନ ଶିକ୍ଷକ ବୃନ୍ଦାବନ ବଢେଇଙ୍କ ଅଧକ୍ଷତାରେ କ୍ରୀଡାର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଇଚ୍ଛାପୁର ସରପଞ୍ଚ ପ୍ରଶାନ୍ତ କୁମାର ସାହୁ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦେବଯାନୀ ବେହେରା, ସ୍କୁଲ ପରିଚାଳନା କମିଟିର ଗୀତ କୁମ୍ଭାର ଯୋଗଦେଇଥିଲେ। ଶିକ୍ଷକ ଶରତ ସାହୁ ସଭା ପରିଚାଳନା କରିଥିଲେ। ଶିକ୍ଷକ ମାନସ ରଞ୍ଜନ କଲେତ ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ଶିକ୍ଷକ ବ୍ରଜରାଜ ବିଶ୍ୱାଳ, ଧର୍ମେନ୍ଦ୍ର ଭୁଏ, ବସୁଦେବ ବେହେରା, ଶୁଭଲକ୍ଷ୍ମୀ ପଣ୍ଡା, ସୁଷମା ଦାସ, କୁସୁମ କୁଦେଇ ପ୍ରମୁଖ ଉପସ୍ଥିତ ଥିଲେ।

## ଓଷ୍ଟା ଶିଶୁମେଳାରେ ୯୫ ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ

**ବୀରମହାରାଜପୁର, ୬।୧୨(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସଦର ଗଣପତି ଆଦର୍ଶ ଶିକ୍ଷା ନିକେତନଠାରେ ବ୍ଲକସ୍ତରୀୟ ଓଡିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ ଓଷ୍ଟାର ଶିଶୁମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଓଷ୍ଟା ବ୍ଲକ ସଭାପତି ଚନ୍ଦ୍ରମଣି ବାଘଙ୍କ ଅଧକ୍ଷତାରେ ଆନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବୀରମହାରାଜପୁର ବ୍ଲକ ଉପାଧକ୍ଷ ନାରାୟଣ ଲୁହା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ଓଷ୍ଟା ସଭାପତି ଅଖୋଜ ପଧାନ, ପୂର୍ବତନ ଓଷ୍ଟା କାର୍ଯ୍ୟକର୍ତ୍ତା ତ୍ରିପୁରାରୀ ରଥ, ଜିଲା କାର୍ଯ୍ୟକର୍ତ୍ତା ଅମୀୟ ମହାନ୍ତି, ଚନ୍ଦ୍ରଶେଖର ମହାପାତ୍ର, ବିଜୟ ପଣ୍ଡା, ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିରଞ୍ଜନ ଦାଶ, ଗଣପତି ଆଦର୍ଶ ଶିକ୍ଷା ନିର୍ଦ୍ଦେଶକ ବିବସ୍ୱତି ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ କଳା ପରିପ୍ରକାଶ କରିବା ଶିଶୁମେଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବକ୍ତାମାନେ କହିଥିଲେ। ବ୍ଲକ ସମ୍ପାଦକ ବ୍ରଜମୋହନ ବାରିକ ବିବରଣୀ ପଠନ କରିଥିବା ବେଳେ ଶିକ୍ଷକ ବ୍ୟୋମକେଶ ପଣ୍ଡା ସଭା ସଂଯୋଜନା କରିଥିଲେ। ପ୍ରଧାନଶିକ୍ଷକ ଶାନ୍ତନୁ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବ୍ଲକର ୧୪ଟି ଉଚ୍ଚ ବିଦ୍ୟାଳୟର ୯୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ତର୍କ, ଚିତ୍ରାଙ୍କନ, କବିତା ଆବୃତ୍ତି, କବିତା ଲିଖନ, ଗଳ୍ପଲିଖନ, ସଙ୍ଗୀତ, ଏକକ ନୃତ୍ୟ, କୁଇଜ, ସାଧାରଣଜ୍ଞାନ, ଏକକ ଅଭିନୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ବିଭାଗର ପ୍ରଥମ ସ୍ଥାନ ଅଧିକାର କରଥିବା ଛାତ୍ରୀଛାତ୍ର ଜିଲାସ୍ତରୀୟ ଶିଶୁମେଳାରେ ଅଂଶଗ୍ରହଣ କରିବେ ବୋଲି ସଭାପତି ସୂଚନା ଦେଇଥିଲେ ।



# ଯୁବକଙ୍କ ଦ୍ୱିତୀୟ ବିବାହ ଅଟକାଇଲେ ପ୍ରଥମ ସ୍ତ୍ରୀ

## ଥାନାରେ ଏତଲା, ନୋଟିସ ଦେଇ ଛାଡ଼ିଲା ପୋଲିସ

**ରାଉରକେଲା,୬।୧୨(ସଙ୍ଗୀତା ଜେନା):** ଛାଡପତ୍ର ପ୍ରକ୍ରିୟା ଶେଷ ହୋଇ ନ ଥିଲାବେଳେ ଦ୍ୱିତୀୟ ବିବାହ କରିବା ସମୟରେ ପ୍ରଥମ ସ୍ତ୍ରୀ ବିବାହ ମଣ୍ଡପରେ ପହଞ୍ଚି ବିରୋଧ କରିଥିଲେ। ଘଟଣାଟି ଥାନାକୁ ଯିବା ପରେ ପୋଲିସ ମଣ୍ଡପରେ ପହଞ୍ଚି ବିବାହ ବନ୍ଦ କରିଥିଲା। ଏଭଳି ଏକ ଘଟଣା ଘଟିଛି ରାଉରକେଲା ସିଭିଲଟାଉନଶିପ୍ ଅଞ୍ଚଳରେ। ସୂଚନା ଅନୁସାରେ, ୨୦୧୯ରେ ସେକ୍ଟର-୨ର ନିହାରିକା ଷଡ଼ଙ୍ଗୀଙ୍କ ସହିତ ଆର୍ଏସ୍ପି ସନ୍ତୋଷ ମହାପାତ୍ରଙ୍କ ବିବାହ ହୋଇଥିଲା। କିଛି ଦିନ ପରେ ଉଭୟଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ଏଥିରେ ଅତିଷ୍ଠ ହୋଇ ନିହାରିକା ସ୍ଥାନୀୟ ପରିବାର ଅଦାଲତରେ ବିବାହ ବିଚ୍ଛେଦ ମାମଲା କରିଥିଲେ। ଏହି ମାମଲା ତ୍ରୁଟି ନ ଥିବାବେଳେ ସନ୍ତୋଷ ଶୁକ୍ରବାର ରଘୁନାଥପାଲୀ ଥାନା ଅଞ୍ଚଳର ଏକ ମଣ୍ଡପରେ ଦ୍ୱିତୀୟ ବିବାହ କରିବାକୁ ଯାଉଥିଲେ। ଏହି ସମୟରେ ଖବର ପାଇ ବିବାହ ମଣ୍ଡପରେ ପହଞ୍ଚି ଏହାକୁ ବିରୋଧ କରିଥିଲେ। ଏ ନେଇ ସେ ରାତି ୧ଟାରେ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୭୫୨/୨୫) ରୁଜୁ କରିଥିଲା। ଏଥିସହ ସନ୍ତୋଷଙ୍କୁ ନୋଟିସ ଦେଇ ଛାଡି ଦିଆଯାଇଥିବା ଥାନାଧିକାରୀ ରାଜେନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି।

# ଇସ୍ପାତ ସହରରେ ହେବ ବାୟୋ ମିଥେନ୍, ପେଲେଟ୍ ପ୍ଲାଣ୍ଟ

**ରାଉରକେଲା,୬।୧୨(ଦିନେଶ ମିଶ୍ର)**

ରାଉରକେଲା ମହାନଗର ନିଗମ (ଆର୍ଏମ୍ସି) ସମ୍ମିଳନୀ କକ୍ଷରେ ସହରର ମୁଖ୍ୟ ସମସ୍ୟା ଓ ଏହାର ସମାଧାନ ଉପରେ ଏକ ଖବରଦାତା ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଅତିରିକ୍ତ ଜିଲାପାଳ ତଥା ଆର୍ଏମ୍ସି କମିଶନର ଦୀନା ଦସ୍ତଗୀରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ବର୍ତ୍ତମାନ ସୁଦ୍ଧା ଆରଏମ୍ସି ପକ୍ଷରୁ କରାଯାଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ବିବରଣୀ ପ୍ରଦାନ କରାଯାଇଥିଲା। ଏଥିସହ ଆଗାମୀ ଦୀନରେ ହେବାକୁ ଥିବା ନୂତନ ପ୍ରକଳ୍ପର ଘୋଷଣା କରାଯାଇଥିଲା। ସେଥି ମଧ୍ୟରୁ ଆଗାମୀ ଦିନରେ ବାଲୁଘାଟଠାରେ ନିର୍ମାଣାଧୀନ ବାୟୋ ମାସ୍ ପେଲେଟ୍ ପ୍ଲାଣ୍ଟ ଓ ସେକ୍ଟର-୧୪ ନମ୍ବର ଅଞ୍ଚଳରେ ବାୟୋ ମିଥେନ୍ ଗ୍ୟାସ ପ୍ଲାଣ୍ଟ ପ୍ରକଳ୍ପ ଉପରେ କମିଶନର ଦସ୍ତଗୀରି ସୂଚନା ପ୍ରଦାନ କରିଥିଲେ। ସେକ୍ଟର-୧୪ ଅଞ୍ଚଳରେ ନିର୍ମାଣ ହେଉଥିବା ବାୟୋ ମିଥେନ୍ ପ୍ଲାଣ୍ଟ ସହରରେ ଏଣେତେଣେ ପଡୁଥିବା ଗାଈ ଗୋବରକୁ ସଂଗ୍ରହ କରିବ। ଏହି ଗୋବରକୁ ସଂରକ୍ଷଣ କରି ସେଥିରୁ ନିର୍ଗତ ଗ୍ୟାସ୍‌ରୁ ବିଦ୍ୟୁତ୍ ଉତ୍ପାଦନ ହେବ। ଯାହା ସହରରେ କ୍ଲିନ ଏନର୍ଜୀ ଉତ୍ପାଦନରେ ସହାୟକ ହେବ ବୋଲି ସେ ସୂଚନା ଦେଇଥିଲେ। ସେହିଭଳି ବାଲୁଘାଟରେ ବାୟୋ ମାସ୍ ପେଲେଟ୍ ପ୍ଲାଣ୍ଟରେ ସହରର ବିଭିନ୍ନ ମନ୍ଦିର ଓ ଅଳିଆଗଦାରେ ପଡି ରହିଥିବା ନଡିଆକତା ସଂଗ୍ରହ କରାଯାଇ ସେଥିରୁ ସାର ପ୍ରସ୍ତୁତ ହେବ। ଏହି ସାର ସହରକୁ ସବୁଜ ବଳୟ ସୃଷ୍ଟି କରିବାରେ ସହାୟକ ହେବ ଯାହାର ନୂତନ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି ବୋଲି କମିଶନର କହିଥିଲେ। ସେହିଭଳି ବିପିଯୁଟି ନିକଟ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ର ତରକେରାଠାରେ ଅତ୍ୟାଧୁନିକ ମେଶିନ ସାହାଯ୍ୟରେ ପ୍ରକ୍ରିୟାକରଣ କରାଯିବ। ଏଠାରେ ୨ଟି ଅଣୁ ଖତ ପ୍ରକ୍ରିୟାକରଣ କେନ୍ଦ୍ର ରହିଥିବାବେଳେ ଗୋଟିଏ ପୁନଃ ଲାଭ କେନ୍ଦ୍ର ରହିଛି। ବର୍ଜ୍ୟବସ୍ତୁରୁ ଅଣୁ ଖତ ପ୍ରକ୍ରିୟାକରଣ ହୋଇ ପ୍ରତିଦିନ ୫ ମେଟ୍ରିକ ଟନ୍ ରହିବ। ଏହି ବର୍ଜ୍ୟବସ୍ତୁକୁ ରିସାଇକ୍ଲିଂ କରାଯାଇ ସହରରେ ରାସ୍ତା ନିର୍ମାଣ, ପାର୍କ ଚଲାପଥ ଭଳି ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ କରାଯାଇପାରିବ। ସେହିଭଳି କୋଏଲନଗର ଅଞ୍ଚଳର ଖାଲି ସ୍ଥାନରେ ବିର୍ସା ମୁଣ୍ଡାଙ୍କ ନାମରେ ଅତ୍ୟାଧୁନିକ ପାର୍କ ନିର୍ମାଣ କରାଯିବ। ଛେଣ୍ଡ କଳିଙ୍ଗ ବିହାର ସ୍ଥିତ ଟିସ୍କୋ ଖାଦାନର ଉନ୍ନତୀକରଣ ସାଙ୍ଗକୁ ବହୁଦିନ ଧରି ପଡି ରହିଥିବା ଟିସ୍କୋ ପିଣ୍ଡିକୁ ପୁନରୁଦ୍ଧାର କରାଯାଇ ଚାଷୀଭାଇମାନଙ୍କୁ ଥଇଥାନ କରାଯିବ ବୋଲି ଆରଏମ୍ସି କମିଶନର କହିଥିଲେ। ଫଳରେ ଉକ୍ତ ଅଞ୍ଚଳରେ ରାସ୍ତାକଡ ପରିବା ବ୍ୟବସାୟୀମାନେ ଥଇଥାନ ହେବା ସହ ଆରଏମ୍ସିକୁ ରାଜସ୍ୱ ସହାୟତା ହେବ। ସେହିଭଳି ସହରର ପାନୀୟ, ଡ୍ରେନେଜ, ସ୍ୱରେଜ, ଟ୍ରାଫିକ, ସ୍ମାଟ ପାର୍କ, ପୁରାତନ ପ୍ରକଳ୍ପର ଅବ୍ୟବସ୍ଥା, ରାତ୍ର ଆଶ୍ରୟସ୍ଥଳୀ, ଆଲୋକୀକରଣ ବ୍ୟବସ୍ଥା, ବିଭିନ୍ନ ପାଠାଗାର, ବୁଲା ପଶୁଙ୍କ ପ୍ରାଦୁର୍ଭାବ ରୋକିବା, ସ୍ୱଚ୍ଛତା, ପାର୍କିଙ୍ଗ ଭଳି ୩୨ଟି ସମସ୍ୟାର କିଭଳି ସମାଧାନ କରିହେବ ସେ ନେଇ ଆଲୋଚନା କରାଯାଇଥିଲା। ଆରଏମ୍ସିର ଉପଆୟୁକ୍ତ ପଲ୍ଲବୀ ନାୟକ, ଅନିତା ନାୟକ, ଆରଏମ୍ସି ଅଧୀକ୍ଷଣ ଯନ୍ତ୍ରୀ ବିରେନ୍ଦ୍ର ନନ୍ଦ, ନିର୍ବାହୀ ଯନ୍ତ୍ରୀ ବିପିନ କୁମାର ମହାନ୍ତି, ସହକାରୀ ଆୟୁକ୍ତ ଅଜିତ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆର୍ଏମ୍ସି ସହାୟକ କର୍ମଚାରୀ ସୁଦୀପ୍ତ ଦାସ ଧନ୍ୟବାଦ ଦେଇଥିଲେ।




ଖବରଦାତା ସମ୍ମିଳନୀରେ ଆର୍ଏମ୍ସି କମିଶନର ଦେଉଛନ୍ତି।

# ମାନବ ଶୃଙ୍ଖଳରେ ସଡ଼କ ସୁରକ୍ଷା ବାର୍ତ୍ତା




ଆର୍ଏସ୍ପି ଅଧିକାରୀ ଓ କର୍ମଚାରୀ ମାନବ ଶୃଙ୍ଖଳରେ ରହିଛନ୍ତି।

**ରାଉରକେଲା,୬।୧୨(ବିପ୍ଳବ ରଞ୍ଜନ ଦାଶ)**

ଆର୍ଏସ୍ପିର ସହର ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଇସ୍ପାତ ସହରାଞ୍ଚଳରେ ଏକ ବିଶାଳ ସଡ଼କ ସୁରକ୍ଷା ଅଭିଯାନ ଆୟୋଜିତ ହୋଇଯାଇଛି। ସେକ୍ଟର-୨୧ସ୍ଥିତ ଟ୍ରାଫିକ୍ ଛକରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଭାଗର ପ୍ରାୟ ଏକ ଶହରୁ ଊର୍ଦ୍ଧ୍ୱ କର୍ମଚାରୀ ଏବଂ ଠିକା ଶ୍ରମିକ ଅଂଶଗ୍ରହଣ କରିଥିଲେ। ସହର ସୁରକ୍ଷା, ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି ବିଭାଗର ସିଜିଏମ୍ ବି. କେ. ଜୋଜୋ ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ହୀରାଲାଲ ମହାପାତ୍ର ଏହି ଅଭିଯାନର ନେତୃତ୍ୱ ନେଇଥିଲେ। ଅଂଶଗ୍ରହଣକାରୀମାନେ ସଡ଼କ ସୁରକ୍ଷା ବାର୍ତ୍ତା ପ୍ରଦର୍ଶନ କରୁଥିବା ପ୍ଲାକାର୍ଡ ଧରି ଏକ ସୁଦୀର୍ଘ ମାନବ ଶୃଙ୍ଖଳ ଗଠନ କରିଥିଲେ। ଟ୍ରାଫିକ୍ ନିୟମର ସଠିକ ଅନୁପାଳନ କରିବା, ସୁରକ୍ଷିତ ସହ ସଡ଼କ ନିୟମାବଳୀ ମାନିବାର ଅଭ୍ୟାସ କରିବା, ଗାଡ଼ି ଚଳାଇବା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର ନ କରିବା, ଅସୁରକ୍ଷିତ ଓଭରଟେକିଂରୁ ନିବୃତ୍ତ ରହିବା, ଟ୍ରାଫିକ୍ ସିଗ୍ନାଲ ପାଳନ କରିବା, ବିପଦପୂର୍ଣ୍ଣ ଗାଡ଼ି ଚାଳନା ଅଭ୍ୟାସରୁ ଦୂରେଇ ସହିତ ନିର୍ଦ୍ଧାରିତ ଗତି ସୀମା ବଜାୟ ରଖିବା ଭଳି ଅତ୍ୟାବଶ୍ୟକ ଦିଗଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଇସ୍ପାତ ସହରାଞ୍ଚଳ ବାସିନ୍ଦା ଏବଂ ବାହନ ଚାଳକଙ୍କ ମଧ୍ୟରେ ଦାୟିତ୍ୱପୂର୍ଣ୍ଣ ସଡ଼କ ସୁରକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଏହି ପଦକ୍ଷେପର ଲକ୍ଷ୍ୟ ରହିଥିଲା।

# ଜନଜାତି ସୁରକ୍ଷା ମଞ୍ଚ ପକ୍ଷରୁ ଚେତନା ସମ୍ମେଳନ

**ରାଉରକେଲା,୬।୧୨(ବିପ୍ଳବ ରଞ୍ଜନ ଦାଶ)**

ସୁନ୍ଦରଗଡ଼ ଜିଲା ଜନଜାତି ସୁରକ୍ଷା ମଞ୍ଚ ପକ୍ଷରୁ ରାଉରକେଲା ମାହେଶ୍ୱରୀ ଭବନଠାରେ ଶନିବାର ଏକ ଚେତନା ସମ୍ମେଳନ ଅନୁଷ୍ଠିତ ହୋଇଯାଇଛି। ଦାମୋଦର ତିର୍କୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ମାଙ୍ଗେ ଲାକ୍ରା ମୁଖ୍ୟ ବକ୍ତା, ରାଜକୁମାର ମାଝି ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ସମ୍ମିଳନୀରେ ଜନଜାତି ବ୍ୟକ୍ତି ଧର୍ମାନ୍ତରୀକରଣ ହେଲେ ସରକାରୀ ଚାକିରିରେ ଆରକ୍ଷିତ କୋଟା ସମାପ୍ତ କରିବା, ଧର୍ମାନ୍ତରୀକରଣ ନିରୋଧ ବିଧେୟକକୁ କଡାକଡି ପାଳନ କରାଯିବା ସହିତ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ସୁଦୃଢ ବିଧେୟକ ପ୍ରଣୟନ କରାଯିବାକୁ ଏହି ସମ୍ମିଳନୀରେ ଦାବି କରାଯାଇଥିଲା। ଆଗାମୀ ଜନଗଣନା ସମୟରେ ବିଭ୍ରାନ୍ତିକର ତଥ୍ୟ ପାଇଁ ସତର୍କ ରହିବା ସହିତ ଜନଜାତି ସୁରକ୍ଷା ଆନ୍ଦୋଳନ ସୁଦୃଢ କରିବା ପାଇଁ ସୁଦାମ ବାର୍ଡ଼ାଙ୍କ ଅଧ୍ୟକ୍ଷତାରେ ମଞ୍ଚର ଏକ କେନ୍ଦ୍ରୀୟ ସମିତି ଗଠନ କରାଯାଇଥିଲା। ସନ୍ତୋଷ କୁମାର ତିର୍କୀ ମଞ୍ଚ ସଞ୍ଚାଳନ କରିଥିଲେ। ଏଥିରେ ଓରାମ, କିଷାନ ଓ ମୁଣ୍ଡା ସମାଜର ପ୍ରତିନିଧିମାନେ ଯୋଗଦାନ କରିଥିଲେ।

# ନିଃସ୍ୱାର୍ଥପର ସେବା ମନୋଭାବ ନେଇ କାର୍ଯ୍ୟ କରିବାକୁ ଆହ୍ୱାନ

## ସିଭିଲ ଡିଫେନ୍ସ ଓ ହୋମଗାର୍ଡ ପ୍ରତିଷ୍ଠା ଦିବସ ପାଳିତ

**ରାଉରକେଲା,୬।୧୨(ଦିନେଶ ମିଶ୍ର)**

ରାଉରକେଲା ରିଜର୍ଭ ପୋଲିସ ପରେଡପଡିଆରେ ସିଭିଲ ଡିଫେନ୍ସ ଓ ହୋମଗାର୍ଡର ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ଏଥିରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସିଭିଲ ଡିଫେନ୍ସ ଓ ହୋମଗାର୍ଡରେ କାର୍ଯ୍ୟରତ ବ୍ୟକ୍ତିବିଶେଷ ସର୍ବଦା ନିଃସ୍ୱାର୍ଥପର ସେବା ମନୋଭାବ ନେଇ କାର୍ଯ୍ୟ କରିବାକୁ କହିଥିଲେ। ରାଉରକେଲା ଅତିରିକ୍ତ ଜିଲାପାଳ ଦୀନା ଦସ୍ତଗୀରି ଓ ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ୱାଧୱାନି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ସିଭିଲ ଡିଫେନ୍ସ ଓ ହୋମଗାର୍ଡମାନଙ୍କ ପକ୍ଷରୁ ଆୟୋଜିତ ମିଳିତ ପରେଡ୍‌ରେ ଅତିଥିମାନେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସିଭିଲ ଡିଫେନ୍ସ ଓ ହୋମଗାର୍ଡ ବିଭାଗରେ କାର୍ଯ୍ୟରତ ଉନ୍ନତ ସେବା ପ୍ରଦର୍ଶନ କରିଥିବା କର୍ମୀମାନଙ୍କୁ ମୁଖ୍ୟ ଅତିଥି ମାନପତ୍ର ସହ ନଗଦ ଅର୍ଥରାଶି ପ୍ରଦାନ କରି ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ରାଉରକେଲା ହୋମଗାର୍ଡ ବାହିନୀ, ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ଅଗ୍ନିଶମ ବାହିନୀ ପକ୍ଷରୁ ବିଭିନ୍ନ ସୁରକ୍ଷା କୌଶଳ ପ୍ରଦର୍ଶନ କରାଯାଇଥିଲା। ରାଉରକେଲା ପୋଲିସ ବାହିନୀ ଓ ହୋମଗାର୍ଡ ସହଯୋଗ କରିଥିଲେ। ରାଉରକେଲା ପୋଲିସ ବାହିନୀର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଏସ୍ଏସ୍ବି ଅଧ୍ୟାପିକା ଅଧ୍ୟାପକଙ୍କ ପ୍ରତିବାଦ

**ରାଉରକେଲା,୬।୧୨(ବିପ୍ଳବ ରଞ୍ଜନ ଦାଶ)**

ରାଜ୍ୟ ପ୍ରବଣନ ମଣ୍ଡଳୀ, ଓଡ଼ିଶା (ଏସ୍ଏସ୍ବି) ଦ୍ୱାରା ନିଯୁକ୍ତ ୪୮୮ ବର୍ଗର ମହାବିଦ୍ୟାଳୟସ୍ତରୀୟ ଅଧ୍ୟାପିକା ଅଧ୍ୟାପକମାନେ ଓଡ଼ିଶା ଶିକ୍ଷା ସେବା ଅଧିନିୟମ ୧୯୬୯ ଏବଂ ୧୯୭୪ ହିସାବରେ ବିଭିନ୍ନ ମହାବିଦ୍ୟାଳୟରେ ନିଯୁକ୍ତି ପାଇଥିଲେ ମଧ୍ୟ ନିୟମ ଅନୁଯାୟୀ ସେମାନଙ୍କୁ ପଦବୀ ଏବଂ ଦରମା ପ୍ରଦାନ କରାଯାଉନାହିଁ। ନିୟମାନୁସାରେ ନିଯୁକ୍ତିର ୮ ବର୍ଷ ପୂରଣରେ ପ୍ରଥମ ପଦୋନ୍ନତି ବ୍ୟବସ୍ଥା ଥିଲେ ମଧ୍ୟ ୨୦୧୬ରେ ନିଯୁକ୍ତ ଅଧ୍ୟାପିକା ଅଧ୍ୟାପକଙ୍କୁ ଏଯାବତ୍ ପଦୋନ୍ନତି ଦିଆଯାଇନାହିଁ। ସରକାରୀ ମାନ୍ୟତା, ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ନ ମିଳିବା, ଘରଭଡ଼ା ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ନ ପାଇବା କାରଣରୁ ଏହି ଅଧ୍ୟାପିକା ଅଧ୍ୟାପକମାନେ ଦୀର୍ଘଦିନ ଧରି ଦାବିମାନ ଉପସ୍ଥାପନ କରିଆସୁଛନ୍ତି। ଏହାସତ୍ତ୍ୱେ ସରକାର ସେମାନଙ୍କ ଦାବିଗୁଡିକୁ ଅଣଦେଖା କରିଛନ୍ତି। ଏହାର ପ୍ରତିବାଦରେ ଶନିବାର କେନ୍ଦ୍ରୀୟ କାର୍ଯ୍ୟ କାର୍ଯ୍ୟକାରିଣୀ ପକ୍ଷରୁ ଲୋୟର୍ ପିଏମ୍‌ଜି ଭୁବନେଶ୍ୱରଠାରେ ଏକ ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରାଯାଇଥିଲା। ଏହି ବିକ୍ଷୋଭକୁ ସମର୍ଥନ କରି ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟ, ବେଦବ୍ୟାସ ମହାବିଦ୍ୟାଳୟ, ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟ ଆଦି ଶିକ୍ଷାନୁଷ୍ଠାନର ଏସ୍. ଏସ୍. ବି ଅଧ୍ୟାପିକା ଅଧ୍ୟାପକ କଳାପଟି ପରିଧାନ ପୂର୍ବକ ପ୍ରତିବାଦ କରିଥିଲେ। ଅଧ୍ୟାପକ ସଞ୍ଜୟ କୁମାର ମହାପାତ୍ର, ବିଦ୍ୟା ବିଲୁଙ୍ଗ, ଆକାଶ ଦାସ, ସୁମନ ପାଣିଗ୍ରାହୀ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।



**ବ୍ରଜରାଜନଗରରେ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ**

ବ୍ରଜରାଜନଗର,(ବିଜୟ ବରାଡ଼): ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ଼ି ରାଘବେନ୍ଦ୍ରଙ୍କ ନିର୍ଦ୍ଦେଶ କ୍ରମେ ବ୍ରଜରାଜନଗର୍ ସହରରେ ପୋଲିସ ଫ୍ଲାଗ ମାର୍ଚ୍ଚ କରିଛି। ଆରକ୍ଷୀ ଅଧୀକ୍ଷକ ଫ୍ଲାଗମାର୍ଚ୍ଚରେ ଉପସ୍ଥିତ ଥିଲେ। ବ୍ରଜରାଜନଗର ଥାନା ପରିସରରୁ ଏକ ରାଲି କରି ପୋଲିସ ସହର ପରିକ୍ରମା କରି ଥିଲା। ପରେ ଗଙ୍ଗାନଗର, ମଣ୍ଡଳୀୟ ଗାନ୍ଧୀ ଛକ ବୁଲିଥିଲେ। କାର୍ଯ୍ୟକ୍ରମରେ ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ଥାନା ଅଧିକାରୀ ଧବଳେଶର ସାହୁ, ଓରିଏଣ୍ଟ ଥାନା ଅଧିକାରୀ କ୍ଷମାସାଗର ନାୟକଙ୍କ ସହ ପୋଲିସ ଫୋର୍ସ ସାମିଲ ଥିଲେ।

# ଚାକିରି ପାଇଁ ଟଙ୍କା ଦେଇ ଯୁବତୀଯୁବକ ହତାଶ

**ଦେବଗଡ଼,୬।୧୨(ଶଶାଙ୍କ ଶେଖର ଝାଙ୍କର)**

■ କର୍ମଚାରୀଙ୍କଠାରୁ ଆରମ୍ଭ କରି ବରିଷ୍ଠ ଡାକ୍ତର ସାମିଲ
■ କେତେଜଣ ନେତା ମଧ ସାମିଲ ଥିବା ଅଭିଯୋଗ
■ କେତେ ଦୂର ଲମ୍ବିଛି ଚେର, କାହାର କେତେ ଭାଗ
■ ଭିଜିଲାନ୍ସ ତଦନ୍ତ କରାଯାଉ

ଦେବଗଡ଼ସ୍ଥିତ ନୂତନ ଜିଲା ମୁଖ୍ୟ ଚିକିତ୍ସାଳରେ ଚାକିରି ଆଶାରେ କେତେଜଣ ଯୁବତୀଯୁବକ ଟଙ୍କା ଦେଇ ଚାକିରି ନ ପାଇ ହତାଶ ହୋଇପଡ଼ିଛନ୍ତି। ଏହି ଯୁବତୀଯୁବକମାନେ କେତେଜଣ ଅଧିକାରୀ, ବରିଷ୍ଠ ଡାକ୍ତର, ଦଲାଲଙ୍କୁ ଟଙ୍କା ଦେଇଥିବା ନିଜ ନାମ ଗୋପନ ରଖି କହିଛନ୍ତି। ଏବେ ସେମାନେ ଚାକିରି ନ ପାଇବାରୁ ଚାକିରି ପାଇଁ ଟଙ୍କା ଦେଇଥିବା କଥା ଆଲୋଚନା କରୁଛନ୍ତି। ଦେବଗଡ଼ ଏକ ଚାଷୀ ବହୁଳ, ଶିଳ୍ପ ବିହୀନ ଜିଲା। ପ୍ରାୟ ସମସ୍ତେ ଚାଷ ଉପରେ ନିର୍ଭର କରନ୍ତି। ଜିଲାରେ ବେକାର ଯୁବତୀଯୁବକ ସଂଖ୍ୟା ବଢ଼ି ଚାଲୁଥିବାବେଳେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗାର୍ଡ, ଡାଟା ଏଣ୍ଟ୍ରି ଅପରେଟର ଆଦି କେତେକ ପଦବୀରେ ଚାକିରିରେ ରଖି ଦେବି କହି ଯୁବତୀ ଯୁବକମାନଙ୍କଠାରୁ ଟଙ୍କା ନେଇ ଚୁପଚାପ ରହିଛନ୍ତି ଟଙ୍କା ନେଇଥିବା କିଛି ଅଧିକାରୀ, ନେତା, ଦଲାଲ। ଜିଲାର କେତେଜଣ ବରିଷ୍ଠ ଅଧିକାରୀ ଆଉଟ ସୋର୍ସିଂ ସହିତ ହାତ ମିଳେଇ ଚାକିରି ଦେଇ ନିଜ ପକେଟ ଗରମ କରୁଥିବା ଅଭିଯୋଗ ହେଉଛି। ଏହି ଅଧିକାରୀ ନୂତନ ଜିଲା ମୁଖ୍ୟ ଚିକିତ୍ସାଳରେ ମଧ୍ୟ ଚାକିରିରେ ରଖିଦେବା କଥା କହି ବେକାର ଯୁବତୀଯୁବକଙ୍କଠାରୁ ଟଙ୍କା ନେଇଛନ୍ତି। ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟରେ କେମିତି ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଚାଲିବ ସେ ନେଇ ଜିଲା ଯୁବ ଏକତା ମଞ୍ଚ ଆନ୍ଦୋଳନ ଜାରି ରଖିଥିବାବେଳେ ସରକାର ଆଜିଯାଏ କୌଣସି ପଦକ୍ଷେପ ନେଇନାହାନ୍ତି।

ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟ ଆରମ୍ଭଠାରୁ କେତେଜଣ ନେତା ଓ ପୁରୁଣା ଡାକ୍ତରଖାନାର ନିର୍ଦ୍ଦିଷ୍ଟ କେତେଜଣ ବରିଷ୍ଠ ଡାକ୍ତର ଯୁବତୀ ଯୁବକଙ୍କୁ ନର୍ସ, ଗାର୍ଡ, ଡାଟା ଏଣ୍ଟ୍ରି ଅପରେଟର ଆଦି ପଦବୀରେ ଚାକିରିରେ ରଖି ଦେବି କହି ଲକ୍ଷ ଲକ୍ଷ ଟଙ୍କା ନେଇଥିବାବେଳେ ଆଜିଯାଏ କାହାକୁ ଚାକିରିରେ ରଖି ନ ଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ସେହି ଯୁବତୀଯୁବକ କେମିତି ଟଙ୍କା ଫେରିପାଇବେ ଚିନ୍ତାରେ ରହିଛନ୍ତି। ସେମାନେ ଟଙ୍କା ଦେଇଥିବା ନେଇ କାହାକୁ ମଧ୍ୟ ଅଭିଯୋଗ କରିପାରୁ ନାହାନ୍ତି। ବୁଦ୍ଧିଜୀବୀମାନେ କହିଛନ୍ତି, ନିୟମ ଅନଯାୟୀ ଅଗ୍ରଣୀ ଖବରକାଗଜରେ ବିଜ୍ଞାପନ ବାହାରକରି ଓ ଜିଲାର ସରକାରୀ ୱେବ ସାଇଟରେ ବିଜ୍ଞାପନ ଛାଡି ଇଣ୍ଟରଭ୍ୟୁ କରି ଚାକିରି ଦିଆଯାଉ। ବିନା ଇଣ୍ଟରଭ୍ୟୁ ବେନିୟମ ଭାବେ କାହାକୁ ଚାକିରି ଦିଆ ନ ଯାଉ। ଏପଟେ କେତେଜଣ ନେତା ସୋସିଆଲ ମିଡିଆରେ ପୋଷ୍ଟ କରି ଓ ଭିଡିଓ ମଧ କରି କହିଛନ୍ତି, ଚାକିରି ପାଇଁ ବେକାର ଯୁବତୀ ଯୁବକ କାହାକୁ ଟଙ୍କା ଦିଅନ୍ତୁ ନାହିଁ। ଏହି କଥାରୁ ଜଣାପଡୁଛି ଯେ, ଚାକିରି ପାଇଁ ଟଙ୍କା କାରବାର ଚାଲିଥିଲା। ବୁଦ୍ଧିଜୀବୀମାନେ କହିଛନ୍ତି, ଖବରକାଗଜରେ ବିଜ୍ଞାପନ ବାହାର କରି ନିୟମ ଅନୁସାରେ ନିଯୁକ୍ତି ଦିଆଯାଉ । ନିୟମ ଅନୁସାରେ ନିଯୁକ୍ତି ହେଲେ ଟଙ୍କା ଦେଇଥିବା ଆଶାୟୀ ଯଦି ଚାକିରିରୁ ବାଦ ପଡ଼ନ୍ତି, ତେବେ ସେମାନେ ଦେଇଥିବା ଟଙ୍କା ଫେରି ପାଇବେ କେମିତି ଚିନ୍ତିତ ହୋଇପଡ଼ିଛନ୍ତି। ଏହି ଘଟଣାର ଭିଜିଲାନ୍ସ ତଦନ୍ତ କରାଗଲେ ଏହି ଟଙ୍କା ନେବା ଘଟଣା ପଛରେ କେଉଁ କେଉଁମାନେ ଅଛନ୍ତି ଜଣାପଡ଼ନ୍ତା। ବେକାର ଯୁବତୀଯୁବକଙ୍କ ଠାରୁ ଟଙ୍କା ନେଇ ସେମାନଙ୍କ ଭବିଷ୍ୟତ ସହିତ ଖେଳିବା କେତେ ଦୂର ଠିକ୍ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

# ଖରିଫ ଧାନ ସଂଗ୍ରହ ପାଇଁ ଜିଲାସ୍ତରୀୟ କମିଟି ବୈଠକ



ଧାନ ସଂଗ୍ରହ ପାଇଁ ଜିଲାସ୍ତରୀୟ କମିଟି ବୈଠକରେ ଅଧିକାରୀ।

**ଝାରସୁଗୁଡ଼ା,୬।୧୨(ଆଶିଷ ରଞ୍ଜନ ଦାଶ)**

୨୦୨୫-୨୬ ବର୍ଷ ଖରିଫ୍ ଧାନ ସଂଗ୍ରହ ସମ୍ମିଳିତ ଭାବରେ କାର୍ଯ୍ୟକାରୀ କରାଯିବା ଉଦ୍ଦେଶ୍ୟରେ ଶନିବାର ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧକ୍ଷତାରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସମ୍ପୃକ୍ତ ଅଧିକାରୀଙ୍କୁ ଧାନ ସଂଗ୍ରହ ପାଇଁ ଆବଶ୍ୟକୀୟ ପଦକ୍ଷେପ ଶୀଘ୍ର ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଦଲାଲମାନଙ୍କ ଦୁର୍ନୀତି ରୋକିବା ପାଇଁ କଡା କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି। ପଞ୍ଜିକୃତ ହୋଇ ନ ଥିବା ଚାଷୀଙ୍କୁ ପଞ୍ଜୀକରଣ ସୁବିଧା ଯୋଗାଇବା ଦିଗରେ ସରକାରଙ୍କୁ ଅନୁରୋଧ କରିବାକୁ କମିଟି ନିଷ୍ପତ୍ତି ନେଇଛି। ଜିଲାର ସମସ୍ତ ୫ଟି ବ୍ଲକ ଲଖନପୁର, ଝାରସୁଗୁଡା, କିର୍ମିରା, ଲଇକେରା ଏବଂ କୋଲାବିରାରେ ଧାନ ସଂଗ୍ରହ କରାଯିବା, ମଣ୍ଡିଗୁଡ଼ିକରେ ଡିଜିଟାଲ ଆର୍ଦ୍ରତା ମିଟର, ୱେବ୍ରିଜ, ପାନୀୟଜଳ, ପାଇଖାନା, ପ୍ରତୀକ୍ଷା କକ୍ଷ, ସିସିଟିଭି ଓ ମୂଲ୍ୟ ପ୍ରଦର୍ଶନ ବୋର୍ଡ ସହିତ ସମସ୍ତ ସୁବିଧା ଉପଲବ୍ଧ କରାଯିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। କଳାବଜାରୀ ରୋକିବାକୁ ଜିଲା ଏବଂ ଉପଖଣ୍ଡ କଣ୍ଟ୍ରୋଲ ରୁମ୍ ୨୪ ଘଣ୍ଟା ସିସିଟିଭି ତଦାରଖ ବ୍ୟବସ୍ଥା ରହିବ । ଏହା ସହିତ ଧାନ ସଂଗ୍ରହ କେନ୍ଦ୍ରଗୁଡିକରେ ଅଭିଯୋଗ ଲେଖାଯୋଗ୍ୟ ରେଜିଷ୍ଟର ରହିବା ସହ ଜିଲା ମୁଖ୍ୟାଳୟରେ ଟୋଲଫ୍ରି ନମ୍ବର ଜରିଆରେ ନିଜ ଆପତ୍ତି ଅଭିଯୋଗ ଜଣାଇବା, ରେଜିଷ୍ଟ୍ରେଶନ ପରେ ଚାଷୀଙ୍କ ମୋବାଇଲକୁ ଧାନ ଆଣିବା ତାରିଖ ସୂଚନା ପଠାଯିବା ସହିତ ଗୋଟିଏ ଟୋକନର ଅବଧି ୩୦ଦିନ, ଧାନ ଦେବାର ୪୪ରୁ ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ଖାତାକୁ ଡିବିଟି ଦ୍ୱାରା ଟଙ୍କା ଜମା ହେବା ନେଇ ଜିଲାପାଳ ଚାଷୀମାନଙ୍କୁ ଜଣାଇବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲାର ସମସ୍ତ ମିଲର ସଙ୍ଗଠନଙ୍କ ସମେତ ସମ୍ପୃକ୍ତ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

# ଜିଲା ଉପନିବନ୍ଧକ ଅଧିକାରୀ ନିଲମ୍ବିତ

**ଝାରସୁଗୁଡ଼ା,୬।୧୨(ଆଶିଷ ରଞ୍ଜନ ଦାଶ)**

ଓଡ଼ିଶା ସରକାର ରାଜସ୍ୱ ବିଭାଗର ଆଦେଶ କ୍ରମେ ଝାରସୁଗୁଡ଼ା ଜିଲା ଉପନିବନ୍ଧକ ବିକାଶ କୁଜୁରଙ୍କୁ ଶନିବାର ନିଲମ୍ବନ କରାଯାଇଛି। ସୂଚନା ଅନୁଯାୟୀ ରାଜ୍ୟ ସରକାରଙ୍କ ଆଦେଶର ଅବମାନନା କରିଥିବାରୁ ଜିଲା ଉପ ନିବନ୍ଧକ ବିକାଶ କୁଜୁରଙ୍କୁ ନିଲମ୍ବନ କରାଯାଇଥିବା ଜଣେ ଜିଲାସ୍ତରୀୟ ରାଜସ୍ୱ ଅଧିକାରୀ ସୂଚନା ଦେଇଛନ୍ତି। ଗତ କିଛି ଦିନ ହେବ ଜିଲା ଉପନିବନ୍ଧକ ବିକାଶ କୁମାର କୁଜୁରଙ୍କ ନାମରେ ରାଜସ୍ୱ ବିଭାଗରେ କିଛି ଅଭିଯୋଗ ହୋଇଥିବା ମଧ ଜଣାପଡିଛି।

# ହୋମଗାର୍ଡ ଦିବସ ପାଳିତ

**ଝାରସୁଗୁଡ଼ା,୬।୧୨(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡା ସହର ଅମଲିପାଲିସ୍ଥିତ ରିଜର୍ଭ ଗ୍ରାଉଣ୍ଡରେ ୬୩ତମ ଜାତୀୟ ହୋମଗାର୍ଡ ଦିବସ ଶନିବାର ସକାଳେ ପାଳିତ ହୋଇଯାଇଛି। ଜାତୀୟ ହୋମଗାର୍ଡ ଦିବସ ପାଳନ କାର୍ଯ୍ୟକ୍ରମରେ ଝାରସୁଗୁଡା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଦେଶରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ହୋମଗାର୍ଡମାନଙ୍କ ଯୋଗଦାନ ମହତ୍ୱପୂର୍ଣ୍ଣ ଏବଂ ଦେଶର ବହୁ ସ୍ଥାନରେ ଟ୍ରାଫିକ ନିୟନ୍ତ୍ରଣରେ ମଧ ହୋମଗାର୍ଡମାନଙ୍କ ଭୂମିକା ଉଲ୍ଲେଖନୀୟ ବୋଲି କହି ଉପସ୍ଥିତ ହୋମଗାର୍ଡମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଏସପି ଜେମ୍ସ ସାମଦ ଓ ମଧୁସିକ୍ତା ମିଶ୍ର ଯୋଗଦାନ କରିଥିଲେ। ହୋମଗାର୍ଡଙ୍କ ଦ୍ୱାରା ପରେଡ ପ୍ରଦର୍ଶନ କରାଯାଇଥିବାବେଳେ ଅମୀୟ ଦୁଆନ ପରେଡର ନେତୃତ୍ୱ ନେଇଥିଲେ। ରିଜର୍ଭ ଆରଆଇ ଅଶ୍ୱିନୀ ମାଝୀ ଉପସ୍ଥିତ ସମସ୍ତ ଅତିଥି ଓ ହୋମଗାର୍ଡଙ୍କୁ ଧନ୍ୟବାଦ ଦେଇଥିଲେ।

# ଜାନୁଆରୀ ୧୮ରୁ ପ୍ରଧାନପାଟ ଉତ୍ସବ

**ଦେବଗଡ଼,୬।୧୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଶନିବାର ପ୍ରଧାନପାଟ ଉତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ପ୍ରଧାନପାଟଠାରେ ଜାନୁଆରୀ ୧୮ରୁ ୨୨ତାରିଖ ଯାଏ ୫ଦିନ ଧରି ପ୍ରଧାନପାଟ ଉତ୍ସବ ହେବା ପାଇଁ ସ୍ଥିର କରାଯାଇଛି। ଉତ୍ସବରେ ପଲ୍ଲୀଶ୍ରୀ ମେଳା, ପୁସ୍ତକ ମେଳା, ମୀନାବଜର, କୃଷି ଉଦ୍ୟାନ ମେଳା, ଖାଦ୍ୟମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବୈଠକରେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ରାଜେନ୍ଦ୍ର କୁମାର ମିଞ୍ଜ, ଭାରପ୍ରାପ୍ତ ପୌରପରିଷଦ ଅଧକ୍ଷ ପ୍ରଜିତ କୁମାର ଭୋଜ, ଉପଜିଲାପାଳ ପରିକ୍ଷିତ ସାହୁ, ସହକାରୀ ଜିଲାପାଳ ତଥା ଜିଲା ସଂସ୍କୃତି ଅଧିକାରୀ ଈଶ୍ୱର ଗୁରୁ, ଜିଲା ସଂସ୍କୃତି ପରିଷଦ ସଭ୍ୟ ଦିଲୀପ କୁମାର ଗୁରୁ, ପ୍ରଫୁଲ କୁମାର ମହାପାତ୍ର, ମନୋଜ ପାଢ଼ୀ, ସୁଧୀର କପରଦାର, ନିରଞ୍ଜନ ଦିବେଦୀ, ହେମନ୍ତ ମହାପାତ୍ର, ନବୀନ କୁମାର ପାଣି, ପ୍ରଫୁଲ୍ଲ କୁମାର ନାୟକ, ସୁଜିତ କୁମାର ପାତ୍ର, ଅବନୀକାନ୍ତ ମିଶ୍ର ଓ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରମୁଖ ଉପସ୍ଥିତ ଥିଲେ।

# ଝାରସୁଗୁଡାରୁ ମୁମ୍ବାଇ ଯିବାକୁ ଥିବା ଇଣ୍ଡିଗୋ ବିମାନ ବାତିଲ

**ଝାରସୁଗୁଡ଼ା,୬।୧୨(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରୁ ମୁମ୍ବାଇ ଯିବାକୁ ଥିବା ଇଣ୍ଡିଗୋ ବିମାନ ଶନିବାର ବାତିଲ ହୋଇଛି। ଯାହାଦ୍ୱାରା ଯାତ୍ରୀମାନେ ବହୁ ହଇରାଣ ହେବା ସହିତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଝାରସୁଗୁଡା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରର ଅଧିକାରୀ ପ୍ରତାପ ନାମ୍ବିଆରଙ୍କ ସୂଚନା ଅନୁସାରେ ଇଣ୍ଡିଗୋ କମ୍ପାନୀର ବିମାନ ନମ୍ବର ୮୧୧+୭୯୩ ଝାରସୁଗୁଡା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରୁ ଶନିବାର ଅପରାହ୍ନ ୧ଟା ୫୦ରେ ଛାଡିବାକୁ ଥିଲାବେଳେ ଏହା ବାତିଲ ହୋଇଥିଲା। ଯାହାଦ୍ୱାରା ପ୍ରାୟ ୧୫୦ ଜଣ ଯାତ୍ରୀ ମୁମ୍ବାଇ ଯାତ୍ରା କରି ନ ପାରି ବଞ୍ଚିତ ହୋଇଛନ୍ତି। ସେହିପରି ଇଣ୍ଡିଗୋ କମ୍ପାନୀର ଏକ ବିମାନ ଯାହାକି ଦିଲ୍ଲୀରୁ ଶନିବାର ଅପରାହ୍ନ ୫ଟା ୧୫ରେ ଝାରସୁଗୁଡା ବିମାନ ବନ୍ଦର ଆସିବାକୁ ଥିବାବେଳେ ୨ଘଣ୍ଟା ୩୦ ମିନିଟ ବିଳମ୍ବ ଅର୍ଥାତ ରାତି ୭. ୪୫ରେ ପହଁଞ୍ଚିଥିଲା। ଏହାଦ୍ୱାରା ମଧ ଯାତ୍ରୀମାନେ ହଇରାଣ ହୋଇଥିବାବେଳେ ଝାରସୁଗୁଡାର ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦର କର୍ତ୍ତୃପକ୍ଷ ମୁମ୍ବାଇ ଯିବାକୁ ଥିବା ଯାତ୍ରୀମାନଙ୍କୁ ରିବୁକିଂ ସହିତ ବିମାନ ବନ୍ଦର ଅଧିକାରୀଙ୍କ ସହିତ ଯୋଗାଯୋଗ କରିବାକୁ ସୂଚନା ଦେଇଛନ୍ତି।



